## ସଂକ୍ଷେପରେ

### ବାହାରିଲା ବୈଷୟିକ ବିଭାଗ ପିଜି ରେଜଲ୍ଟ

**ଢେଙ୍କାନାଳ ଅଫିସ, ୩୦।୧୦:** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈଷୟିକ ଶିକ୍ଷା ବିଭାଗର ସ୍ନାତକୋତ୍ତର (ପିଜି) ପରୀକ୍ଷା ଫଳ (୨୦୧୯-୨୦) ପ୍ରକାଶିତ ହୋଇଛି। ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ଏବଂ ଏମ୍‌ଏ. ପିଏମ୍ ଆଣ୍ଡ୍ ଆଇଆର ବିଭାଗରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ଏମ୍‌ବିଏ ବିଭାଗରେ ୯୭.୯୬% ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମ୍‌ଏସି କମ୍ପ୍ୟୁଟର ସାଇନ୍ସ ବିଭାଗରେ ୫୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୮ଜଣ ସଫଳତା ହାସଲ କରିଛନ୍ତି। ୬ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରହିଛି। ସେହିପରି ଏମ୍‌ଏ. ପିଏମ୍ ଆଣ୍ଡ୍ ଆଇଆର୍ ବିଭାଗରେ ୧୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରହିଛି। ଏମ୍‌ବିଏ ବିଭାଗର ସମୁଦାୟ ୫୩ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୮ଜଣ ସଫଳତା ପାଇଛନ୍ତି। ୫ଜଣଙ୍କ ଫଳ ସ୍ଥଗିତ ରହିଥିବା କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଜୟଦେବ ପାଢ଼ୀ ସୂଚନା ଦେଇଛନ୍ତି।

### ୪୦ ଆକ୍ରାନ୍ତ, ୪୯ ସୁସ୍ଥ

**ଢେଙ୍କାନାଳ ଅଫିସ, ୩୦।୧୦:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୪୦ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ପରେ ୪୯ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୫୦୭୪ ଏବଂ ଆରୋଗ୍ୟଙ୍କ ସଂଖ୍ୟା ୪୭୨୦ ହୋଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୧୪, ଗଁଦିଆ ବ୍ଲକର ୧୧, ଓଡ଼ାପଡ଼ା ବ୍ଲକର ୩, ପରଜଙ୍ଗ ବ୍ଲକର ୩, ସଦର ବ୍ଲକର ୩, ହିନ୍ଦୋଳ ବ୍ଲକର ୨, କାମାକ୍ଷାନଗର ବ୍ଲକର ୨, କଙ୍କଡ଼ାହାଡ଼ ବ୍ଲକର ୧ ଏବଂ ଭୁବନ ବ୍ଲକର ଜଣେ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଭୁବନେଶ୍ୱରକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଦାବି

**ଢେଙ୍କାନାଳ ଅଫିସ, ୩୦।୧୦:** ଢେଙ୍କାନାଳ ଜିଲାର ଯାତ୍ରୀଙ୍କ ସୁବିଧା ଲାଗି ଭୁବନେଶ୍ୱରକୁ ସ୍ୱତନ୍ତ୍ର ଟ୍ରେନ ଚଳାଇବା ପାଇଁ ଢେଙ୍କାନାଳ-ଅନୁଗୋଳ ଟ୍ରେନ୍ ପାସେଞ୍ଜର ଆସୋସିଏଶନ ପକ୍ଷରୁ ଶୁକ୍ରବାର ଦାବି କରାଯାଇଛି। ଯାତ୍ରୀ ସଂଖ୍ୟା କମ୍ ହେବାରୁ ଆସନ୍ତା ୪ ତାରିଖରୁ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଚଳାଚଳ ବନ୍ଦ କରି ଦିଆଯାଉଛି। ଏହା ପରେ ରେଢ଼ାଖୋଲ, ଅନୁଗୋଳ, ଢେଙ୍କାନାଳର ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟା ଭୋଗିବେ। ଭୁବନେଶ୍ୱରରେ ପୂର୍ବାହ୍ନ ୧୦ଟା ସୁଦ୍ଧା ପହଞ୍ଚିବା ଭଳି ଦୈନିକ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ଢେଙ୍କାନାଳ-ଅନୁଗୋଳ ଟ୍ରେନ୍ ପାସେଞ୍ଜର ଆସୋସିଏଶନ ପକ୍ଷରୁ ପୂର୍ବତଟ ରେଲୱେ ଜିଏମ୍, ଡିଆରଏମ୍, ସିନିୟର ଡିସିଏମ୍ ଏବଂ ସିପିଟିଏମ୍‌ଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ଉପଦେଷ୍ଟା ପ୍ରକାଶ ମହାନ୍ତି କହିଛନ୍ତି।

# ଇନ୍ଦ୍ରପୁରୀ ହେବନାହିଁ ବିଷ୍ଣୁପୁରୀ



ବଡ଼ଦାଣ୍ଡସାହି ମଣ୍ଡପରେ ମା' ଲକ୍ଷ୍ମୀଙ୍କ ଆବାହନ ପୂର୍ବରୁ ଶିଳ୍ପୀଙ୍କ ଶେଷ ସ୍ପର୍ଶ।

- ପରମ୍ପରାରେ କରୋନା କଣ୍ଟା
- ବିଧି ଛାଡ଼ିଦେଲେ ସବୁ ବନ୍ଦ
- ୨୪ ମଣ୍ଡପରେ ମା'ଙ୍କ ଆବାହନ

**ଦୀନେଶ ଦାସ**
**ଓଡ଼ାପଡ଼ା, ୩୦।୧୦**

କରୋନା ଆତଙ୍କ ଯୋଗୁ ସତେ ଯେମିତି କେଉଁଠି ଅଟକିଯାଇଛି ପୃଥିବୀ। ପ୍ରଭାବିତ ହୋଇଛନ୍ତି ମଣିଷ। ଅସ୍ତବ୍ୟସ୍ତ ହୋଇଛି ଜୀବନଯାତ୍ରା। ସବୁଠୁ ବେଶି ପ୍ରତିକୂଳ ପ୍ରଭାବ ପଡ଼ିଛି ହୋଇଛି କଳା, ସଂସ୍କୃତି ଏବଂ ଶିକ୍ଷା ଉପରେ। ଗଣେଶପୂଜା, ଦଶହରା ପରେ ଏବେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉପରେ ଘୋଟିଛି କୋଭିଡ୍ କଳାବାଦଲ। ତେଣୁ ଚଳିତବର୍ଷ ବିଷ୍ଣୁପୁରୀ ପାଲଟିବନି ଇନ୍ଦ୍ରପୁରୀ (ଇନ୍ଦିପୁର), ଯାହାକୁ ନେଇ ପୂଜା କମିଟି, ଶ୍ରଦ୍ଧାଳୁ ଏବଂ ଗ୍ରାମବାସୀଙ୍କ ମନରୁ ମରିଯାଇଛି ସରାଗ।

ଢେଙ୍କାନାଳ ପରେ ଓଡ଼ାପଡା ବ୍ଲକ ଇନ୍ଦିପୁରର ଲକ୍ଷ୍ମୀପୂଜାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଦୀର୍ଘଦିନରୁ ଏଠାରେ ମହାମାୟାଙ୍କ ଆବାହନ କରାଯାଉଛି। ଗଣପର୍ବ ଲକ୍ଷ୍ମୀପୂଜାକୁ ଶ୍ରଦ୍ଧାର ସହ ପାଳନ କରାଯାଉଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ, ବନ୍ଧୁବାନ୍ଧବଙ୍କ ଭିଡ଼, ଯାତ୍ରା ବୁଲାରେ ଗାଁରେ ସୃଷ୍ଟି ହୋଇଥାଏ ସହରର ଭ୍ରମ। ସତେଯେମିତି ଇନ୍ଦିପୁର ପାଲଟିଯାଏ ବିଷ୍ଣୁପୁରୀ। ତେବେ ଚଳିତ ବର୍ଷ ସବୁକିଛି ଫିକା କରିଦେଇଛି କରୋନା। ଅନ୍ୟପଟେ ଗ୍ରାମର ୨୪ ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରୁ ନିରାଡମ୍ବର ଭାବେ ପୂଜା ଆରମ୍ଭ ହୋଇଛି। କେବଳ ବିଧି ପାଳନକୁ ଛାଡ଼ିଦେଲେ ଆଉ ସବୁକୁ ନା' କରାଯାଇଛି। କୌଣସି ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ କି ଆକର୍ଷଣୀୟ ଭସାଣି ଶୋଭାଯାତ୍ରା ମଧ୍ୟ ହେବନାହିଁ। କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରାଯାଇ ପୂଜା ଆୟୋଜନ କରାଯିବ। ସେହିପରି ଚଳିତବର୍ଷ ପୂଜାକୁ ୯ଦିନ ପରିବର୍ତ୍ତେ ୫ ଦିନରେ ସୀମିତ ରଖାଯାଇଛି। ୪ ତାରିଖରେ ମା'ଙ୍କୁ ମେଲାଣି ଦିଆଯିବ ବୋଲି ପୂଜା କମିଟି ମିଳିତ ନିଷ୍ପତ୍ତି ନେଇଛନ୍ତି।

### କୋଭିଡ୍ ନିୟମ ପାଳନ ହେବ



ସବୁ ପୂଜା କମିଟି, ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରାଯାଇ କୋଭିଡ୍ ନିୟମ ପାଳନ ସହ ପୂଜା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଭସାଣି ଉତ୍ସବ ହେବନାହିଁ। କେବଳ ବିଧିରକ୍ଷା ପାଇଁ ରୁଦ୍ଧ ମଣ୍ଡପରେ ପୂଜା ଅନୁଷ୍ଠିତ ହେବ।

–ରାଜକିଶୋର ସାହୁ
ସରପଞ୍ଚ, ଇନ୍ଦିପୁର

### ୯ ଦିନ ବଦଳରେ ୫ଦିନ ପୂଜା



କରୋନା ଭୟରେ ପୂଜା ବ୍ୟତୀତ ଆଉ କୌଣସି କାର୍ଯ୍ୟକ୍ରମ ହେବନାହିଁ। ପୂଜାମଣ୍ଡପକୁ ଚାରିପଟୁ ଘୋଡ଼େଇ ଦିଆଯାଇଛି। କେବଳ ପୂଜକ ଏବଂ କର୍ତ୍ତାଙ୍କ ବ୍ୟତୀତ କାହାରିକୁ ଭିତରକୁ ଛଡ଼ା ଯିବ ନାହିଁ। ୯ଦିନ ବଦଳରେ ୫ଦିନ ପୂଜା ପାଇଁ ମିଳିତ ନିଷ୍ପତ୍ତି ହୋଇଛି।

–ସୁବାସ ପ୍ରଧାନ,
ସମ୍ପାଦକ, ବଡ଼ଦାଣ୍ଡସାହି ପୂଜା କମିଟି

### ପରଦା ଆଢୁଆଳରେ ବିରାଜିବେ ମା'



କରୋନା ଯୋଗୁ ପରଦା ଆଢୁଆଳରେ ମା'ଙ୍କର ପୂଜା ଅନୁଷ୍ଠିତ ହେବ। ସମସ୍ତଙ୍କ ମଙ୍ଗଳ ପାଇଁ କଟକଣାକୁ ମାନିବାକୁ ପଡ଼ିବ। ପ୍ରଶାସନର ନିୟମ ମାନି ପୂଜାର୍ଚ୍ଚନା ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

–କାମାକ୍ଷା ପ୍ରସାଦ ବେହେରା,
ସଭାପତି, ସାରସ୍ୱତ ମା'ଲକ୍ଷ୍ମୀ ପୂଜା ଅନୁଷ୍ଠାନ

### କେବଳ ନୀତି ସମ୍ପନ୍ନ ହେବ



କରୋନା ପାଇଁ ସବୁ ବନ୍ଦ। ହେଲେ ମା'ଙ୍କ ପୂଜା ବନ୍ଦ ହେବନାହିଁ। ଯଥାସାଧ୍ୟ ନୀତି ସମ୍ପନ୍ନ ହେବ। ସେଥିପାଇଁ କମିଟି ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି। ପୂଜା ବ୍ୟତୀତ ଅନ୍ୟ ସବୁ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି।

–ଗଣେଶ୍ୱର ମହାରଣା,
ସଭାପତି, କଲେଜ ଛକ ପୂଜା କମିଟି

### କାହାରି ମନରେ ଉତ୍ସାହ ନାହିଁ



କରୋନା କଟକଣା ଯୋଗୁଁ କାହା ମନରେ ଉତ୍ସାହ ନାହିଁ। ସମସ୍ତେ ଭୟ ଭିତରେ ଅଛନ୍ତି। ମା'ଙ୍କ ପୂଜା ପାଇଁ କେବଳ ବିଧି ପାଳନ ହେବ। ସରକାରୀ ନୀତିନିୟମ ମାନି କେବଳ ବିଧିରକ୍ଷା ବ୍ୟବସ୍ଥା କରାଯାଇଛି।

–ସୁଶୀଲ କୁମାର ନାୟକ, ସମ୍ପାଦକ,
ସାରସ୍ୱତ ମା' ଲକ୍ଷ୍ମୀ ପୂଜା ଅନୁଷ୍ଠାନ



ମିନାବଜାର ପୂଜା ପ୍ରତିଷ୍ଠାନ।

# ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଆରମ୍ଭ

**ଢେଙ୍କାନାଳ ଅଫିସ, ୩୦।୧୦:** ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଶୁକ୍ରବାର ରାତି ୮ଟାରୁ ଆରମ୍ଭ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ୩୮ ପୂଜାମଣ୍ଡପରେ ନିରାଡମ୍ବର ପରିବେଶରେ ମା'ଙ୍କ ଆବାହନ ଆରମ୍ଭ ହୋଇଛି। ପୂଜା ଉପଲକ୍ଷେ କମିଟି କର୍ମକର୍ତ୍ତାମାନେ ଜଳାଶୟରୁ କଳସ ଶୋଭାଯାତ୍ରାରେ ଜଳ ଆଣି ମଣ୍ଡପରେ ପହଞ୍ଚିଥିଲେ। ଏହି ସମୟରେ ସମସ୍ତେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତ୍ୱ ରକ୍ଷା କରିଥିଲେ। ମିନାବଜାର, ଜବାହରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, ବାଜିଚୌକ, କାରିଗର ସାହି, ଗୁଡିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, ଜୁବିଲିଟାଉନ-୧, କ୍ରିଷ୍ଣା ବଜାର, କୈବଲ୍ୟ ବଜାର, ଦେଉଳସାହି, ଅନ୍ନପୂର୍ଣ୍ଣା ଆସ୍ଥାନ, ଷ୍ଟେଶନ ବଜାର, ମା' ସୁନ୍ଦରଶୁଣୀ କଲେଜ ଛକ, ଗାନ୍ଧୀବଜାର, ଚନ୍ଦନବଜାର, ବସ୍‌ଷ୍ଟାଣ୍ଡ, ଦୁର୍ଗାବଜାର, କାଳିକା ବଜାର, ରାମେଶ୍ୱରପୁର, ନେହେରୁ ବଜାର, ଜୁବିଲି ଟାଉନ୍-୩, ସ୍ୱପ୍ନେଶ୍ୱର ବଜାର, ଭଗବାନପୁର, ଗୋପବନ୍ଧୁ ବଜାର, ରତନ ବଜାର, ଖମାରସାହି, ହାଟରୋଡ୍, ଅରବିନ୍ଦ ବଜାର, କଣ୍ଟାନାଳୀ ବାଇପାସ୍, ବନମାଳୀ ପ୍ରସାଦ, ଜେନାଦେବୀ ବଜାର, ନିର୍ମାଲ୍ୟ ବଜାରରେ ପୂଜା ଅନୁଷ୍ଠିତ ହେଉଛି। ମିନାବଜାର, ଗଣେଶ ବଜାରରେ ଚାନ୍ଦିମେଢ଼ରେ ମା' ଝଲସୁଛନ୍ତି। ସର୍ବସାଧାରଣ ଦର୍ଶନକୁ ନିଷେଧ କରାଯାଇଥିବାବେଳେ କଟକଣା ଜଗିବାକୁ ସହର ସମେତ ମଣ୍ଡପରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି।



କୈବଲ୍ୟବଜାର ପୂଜା ପ୍ରତିଷ୍ଠାନ।

# ଆନ୍ଦୋଳନକୁ ଓହ୍ଲାଇଲେ ଜୀବନ ବୀମା ଏଜେଣ୍ଟ



ଆନ୍ଦୋଳନରେ ସାମିଲ ହୋଇଥିବା ଢେଙ୍କାନାଳ ଜୀବନବୀମା ଶାଖାର ଏଜେଣ୍ଟମାନେ।

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ଜୀବନବୀମା ଶାଖାରେ ଲାଗି ରହିଥିବା ଅବ୍ୟବସ୍ଥା ପ୍ରତିବାଦରେ ଶୁକ୍ରବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏଜେଣ୍ଟ। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜୀବନବୀମା ଶାଖାରେ କୌଣସି କାମ ଠିକ୍ ଭାବେ ହେଉ ନାହିଁ। ଦିନକର କାମ ୨ ମାସ ଲାଗୁଛି। ଶାଖା ଅଧିକାରୀ ଏବଂ କର୍ମଚାରୀଙ୍କ ଦୁର୍ବ୍ୟବହାର ସୀମା ଟପିଲାଣି। ପଲିସିର ବଣ୍ଡ ଦିଆଯାଉନାହିଁ। ଲୋନ୍ ବା ସରେଣ୍ଡର ଠିକ୍ ଭାବେ ହେଉନାହିଁ। ଅନେକ କର୍ମଚାରୀଙ୍କ ଜୀବନବୀମା ସମ୍ପର୍କରେ ଧାରଣା ନ ଥିବାରୁ ସେବା ବାଧାପ୍ରାପ୍ତ ହେଉଛି। ସମସ୍ୟାର ସମାଧାନ ଲାଗି ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କଲେ ବି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଢେଙ୍କାନାଳ ଶାଖା ସମେତ ଆଠଗଡ଼, କାମାକ୍ଷାନଗର ସାଟେଲାଇଟ ଶାଖା ବନ୍ଦ ଡାକରା ଦିଆଯାଇଛି। ସମସ୍ୟା ସମାଧାନ ନ ହେବା ଯାଏ ଅନିର୍ଦ୍ଦିଷ୍ଟ ସମୟ ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଜେଣ୍ଟ ସଂଘ ସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ସୁଧୀର କୁମାର ସାହୁ, ଉପସଭାପତି ମିହିର ଶତପଥୀ, କଟକ ମଣ୍ଡଳ ଉପସଭାପତି ହରେକୃଷ୍ଣ ସାହୁ, କୋଷାଧକ୍ଷ ପ୍ରଶାନ୍ତ କୁମାର ଭୂୟାଁ, ଅମ୍ବୁଜ କୁମାର ସାହୁ, ସୋନାଲି ରାଉତରାୟ, ବରୁଣ ଗଣ୍ଡିଆ, ଦେବରାଜ ମହାପାତ୍ର, ସଦାଶିବ ସାହୁ, ବାବାଜୀ ଚରଣ ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ଗଡ଼ିଲା ମିତବ୍ୟୟିତା ସଚେତନ ରଥ

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ସ୍ୱଳ୍ପ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମିତବ୍ୟୟିତା ସଚେତନ ରଥକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସହର ପରିକ୍ରମା କରି ମିତବ୍ୟୟୀ ହୋଇ ସଞ୍ଚୟ କରିବା ଉପରେ ସଚେତନତା ବାଣ୍ଟିବ। ଏହି ଅବସରରେ ସ୍ୱଳ୍ପ ସଞ୍ଚୟ ବିଭାଗ କର୍ମଚାରୀ ଓ ପ୍ରତିନିଧି ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟର ଉପାଦେୟତା ସମ୍ପର୍କରେ ସଚେତନ କରାଇଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ମାସ୍କ ବଣ୍ଟାଯାଇଥିଲା। ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଭଜନାନନ୍ଦ ସାହୁ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କାମାକ୍ଷାନଗର, ୩୦।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଶୁକ୍ରବାର ଜଣେ ରୋଗୀଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ମୁଖ୍ୟ ଚିକିତ୍ସାଧିକାରୀଙ୍କ ତଦନ୍ତ ଆଶ୍ୱାସନା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

- ସିଲିଣ୍ଡରରେ ଅକ୍ସିଜେନ ନ ଥାଇ ଲଗାଇଥିବା ଅଭିଯୋଗ
- ଶ୍ୱାସକ୍ରିୟା କରି ନ ପାରି ଚାଲିଗଲା ଜୀବନ
- ଘଟଣାର ତଦନ୍ତ ପ୍ରତିଶ୍ରୁତି ଦେଲେ ଚିକିତ୍ସାଧିକାରୀ

ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ କାମାକ୍ଷାନଗର ଥାନା କାନପୁରା ଗ୍ରାମର ଫକୀର ମୋହନ ରାଉତଙ୍କ ପୁଅ ସରୋଜ (୪୨) ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଅକ୍ସିଜେନ ଦେବାକୁ କହିଥିଲେ। କର୍ମଚାରୀମାନେ ଅକ୍ସିଜେନ ଲଗାଇବା ବେଳେ ସିଲିଣ୍ଡର ଖାଲିଥିବା ଜଣାପଡ଼ିଥିଲା। ସରୋଜ ଶ୍ୱାସକ୍ରିୟା କରିପାରି ନ ଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲ କର୍ମଚାରୀଙ୍କ ଅବହେଳାରୁ ସରୋଜଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣି ହୋହଲ୍ଲା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଡାକ୍ତର, ନର୍ସଙ୍କୁ ମୃତକଙ୍କ ସମ୍ପର୍କୀୟ ଘେରିଯାଇଥିଲେ। ଥାନାଧିକାରୀ ଅଭିନବ ଡାଲୁଆ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ମେଡିକାଲ ଚିକିତ୍ସାଧିକାରୀ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ସରୋଜଙ୍କ ପରିବାର ଲୋକେ ଦାବି କରିଛନ୍ତି।



ମୃତକଙ୍କ ପରିବାର ଚିକିତ୍ସାକେନ୍ଦ୍ର ଅଧିକାରୀଙ୍କୁ ଘେରିଛନ୍ତି।

**ଆବଶ୍ୟକ**
ଘର କାମ ପାଇଁ ଝିଅ ପିଲା ଦରକାର। ରହିବା, ଖାଇବା ମାଗଣା।
ଦରମା: କାମ ଦେଖି ଦିଆଯିବ।
7016330321, 6371887781

**WANTED**
RECEPTIONIST for a UNISEX BEAUTY SALOON at Paradip. Candidate having minimum one year experience. Both Male & Female can contact.
Mobile No.
9938389945, 6371325588

**WANTED**
Covid-19 ଯୋଗୁଁ Jobless ଥିବା Candidatesଙ୍କୁ ଏକ MNC ତାର Cuttack Branch ରେ ସ୍ଥାୟୀ ନିଯୁକ୍ତି ଦେଉଛି।
Qualification : +2/Above
Age : 18-30yrs
Monthly : Rs 9000/- to Rs.20000/-
Contact-7978772624

**WANTED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। Salary: 9000/- to 27,000/. Qualification- 7th to 10th & above.
Contact:8144204606

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ।
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

IBPS
प्रज्ञाविभावनम्
इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୧-୨୨ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-X)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୦/ଜାନୁୟାରୀ ୨୦୨୧ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-।) |
| ୦୨ | ଏଗ୍ରିକଲ୍ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍ ।) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍ ।) |
| ୦୪ | ଲ' ଅଫିସର୍ (ସ୍କେଲ୍ ।) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ ।) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍ ।) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୨।୧୧।୨୦୨୦–୨୩।୧୧।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୨।୧୧।୨୦୨୦–୨୩।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ୨୬।୧୨।୨୦୨୦ ଓ ୨୭।୧୨।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ୨୪।୦୧।୨୦୨୧ |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ ୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୧ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ତା୦୨।୧୧।୨୦୨୦ରିଖର ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୨୮।୧୦।୨୦୨୦ — ନିର୍ଦ୍ଦେଶକ

## ସଂକ୍ଷେପରେ

### ମଦ ଜବତ, ୯ ଗିରଫ

ଅନୁଗୋଳ ଅଫିସ, ୩୦।୧୦: ଅନୁଗୋଳ ବ୍ଲକ ପଥରଗଡ଼ରେ ବିଷାକ୍ତ ମଦ ପିଇ ୪ଜଣଙ୍କ ମୃତ୍ୟୁ ପରେ ଅବକାରୀ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ସ୍ଥାନରେ ସ୍କ୍ୱାଡ୍ ଗଠନ କରାଯାଇ ଚୋରାରେ ମଦ ରନ୍ଧା ହେଉଥିବା ଦେଶୀ ଭାଟି ଉପରେ ଚଢ଼ାଉ କରାଯାଉଛି। ଇତିମଧ୍ୟରେ ଜିଲାର ୫ଟି ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୧୧ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରାଯାଇଛି ବୋଲି ଭାରପ୍ରାପ୍ତ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରମେନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଅନୁଗୋଳ ଥାନା ଅଞ୍ଚଳରେ ଗୋଟିଏ ମାମଲା ହୋଇଥିବାବେଳେ ନାଲ୍‌କୋ ଥାନା ଅଞ୍ଚଳରେ ଦୁଇଟି, ବଣ୍ଟାଁରପାଳ ଥାନା ଅଞ୍ଚଳରେ ଗୋଟିଏ, କୋଲିୟରୀ ଥାନା ଅଞ୍ଚଳରେ ୫ଟି ଓ ହଣ୍ଡପା ଥାନା ଅଞ୍ଚଳରେ ୨ଟି ମାମଲା ରୁଜୁ କରାଯାଇଥିବା ନାୟକ ସୂଚନା ଦେଇଛନ୍ତି।

### ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ

ଅନୁଗୋଳ ଅଫିସ, ୩୦।୧୦: ଅନୁଗୋଳ ଥାନା ଲିଙ୍ଗରାଯୋଡ଼ି ଅଞ୍ଚଳ ଗୋଡ଼ିସାହିରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହଣାକଟା ହୋଇଛି। ଏହି ଘଟଣାରେ ଅନୁଗୋଳ ପୋଲିସ ଶୁକ୍ରବାର ଜଣେ ନାବାଳକଙ୍କୁ ଗିରଫ କରି ବାଳ ସୁଧାର ଗୃହକୁ ପଠାଇଛି। ସୂଚନାଯୋଗ୍ୟ ଯେ, ଗତ ୨୫ ତାରିଖରେ ଭରତ ସାହୁ ବଜାରରୁ ଫେରୁଥିଲେ। ଏହି ସମୟରେ ପୂର୍ବରୁ ଲୁଚି ରହିଥିବା ସମ୍ପୃକ୍ତ ନାବାଳକ ଭରତଙ୍କୁ ଫାର୍ସାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଭରତଙ୍କ ପୁଅ ଦୁଷ୍ମନ୍ତ ସାହୁ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନାବାଳକଙ୍କୁ ଗିରଫ କରିଛି।

### ସମାକୋଇରୁ ମୃତଦେହ ଉଦ୍ଧାର

କଣିହାଁ, ୩୦।୧୦(ଡି.ଏନ.ଏ.): କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ଗ୍ରାମ ନିକଟ ସମାକୋଇ ନଦୀରୁ ଶୁକ୍ରବାର ଏକ ଅଚିହ୍ନା ମୃତଦେହ ଉଦ୍ଧାର କରାଯାଇଛି। ସମଲ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ସ୍ଥାନୀୟ ଲୋକେ ନଦୀରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମୃତକ ଜଣେ ନାବାଳକ ଏବଂ ବୟସ ୧୫ ବର୍ଷ ଭିତରେ ହେବ ବୋଲି ଅନୁମାନ କରାଯାଉଛି। ସେ ଏକ ହାଫପ୍ୟାଣ୍ଟ ପିନ୍ଧିଥିବା ଦେଖାଯାଇଛି। ଏ ନେଇ ସମଲ ଥାନାରେ ନଂ. ୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏ ନେଇ ସମଲ ଥାନା ଅଧିକାରୀ ଚାରୁଲତା ବେହେରା କହିଛନ୍ତି, ତିନିଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଚିହ୍ନଟ ପାଇଁ ମୃତଦେହ ମେଡିକାଲରେ ରଖାଯିବ। କେହି ଦାବିଦାର ନ ଆସିଲେ ନିୟମ ଅନୁଯାୟୀ ସଂସ୍କାର କରାଯିବ।

### ଶ୍ରମିକ ନେତାଙ୍କ ପରଲୋକ

ବଣ୍ଟାଁରପାଳ, ୩୦।୧୦(ଡି.ଏନ.ଏ.): ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ସହ ସମ୍ପାଦକ ତଥା ଯୁବ ଶ୍ରମିକ ନେତା ଦିଲୀପ କୁମାର ରାଉତଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଅସୁସ୍ଥତା କାରଣରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଭର୍ତ୍ତି ହୋଇଥିଲେ। ସେ ସିପିପି ପ୍ଲାଣ୍ଟରେ କର୍ମଚାରୀ ରହିବା



ଶ୍ରମିକ କଂଗ୍ରେସ ୟୁନିୟନର ବରିଷ୍ଠ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସଂଘ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ସୁଜିତ ସେଠ, ବିଭୂତି ଶତପଥୀ, ଅନୁଜ ତିର୍କୀ, ଡମ୍ବରୁଧର ସାହୁ, ପ୍ରେମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ବିଭବ ଜେନା, ହେମନ୍ତ ପ୍ରଧାନ, ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ ମଧ୍ୟ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

### ଜୀବନ ବିନ୍ଦୁରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା, ୩୦।୧୦(ଡି.ଏନ.ଏ.): କିଶୋରନଗର ବ୍ଲକ ଧଉରପାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିଜେଡି ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ସଦାଶିବ ନାୟକ, କାଳନ୍ଦୀ ଚରଣ ପ୍ରଧାନ, ସତୀଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଭୁଶୁଡ଼ି ପଡ଼ିଛି କ୍ରୀଡ଼ା ଭିତ୍ତିଭୂମି

ଅନୁଗୋଳ ଅଫିସ, ୩୦।୧୦



ଅନୁଗୋଳ ଷ୍ଟାଡିୟମରେ ଥିବା ଇନ୍‌ଡୋର ହଲ୍।

- ଜରାଜୀର୍ଣ୍ଣ ହେଲାଣି ଅନୁଗୋଳ ଇନ୍‌ଡୋର ହଲ୍
- ବର୍ଷା ହେଲେ ଭିତରେ ପଡ଼ୁଛି ପାଣି
- ବ୍ୟାଡ୍‌ମିଣ୍ଟନ କୋର୍ଟର ଉନ୍ନତୀକରଣ ନାହିଁ

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାରେ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତୀକରଣ ହୋଇପାରୁ ନାହିଁ। ଅର୍ଥର ଅଭାବ ନ ଥିଲେ ମଧ୍ୟ ପ୍ରଶାସନର ଆନ୍ତରିକତା ଅଭାବରୁ ସହରରେ ଥିବା ଏକମାତ୍ର ଇନ୍‌ଡୋର ହଲ୍ ଜୀରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଇଛି। ଏପରି କି ହଲ୍ ମଧ୍ୟରେ ଥିବା ଟେବୁଲ୍ ଟେନିସ୍ ଓ ବ୍ୟାଡ୍‌ମିଣ୍ଟନ କୋର୍ଟର ଆଧୁନିକୀକରଣ କରାଯାଉ ନାହିଁ। ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ବେଳେ ଏହାର ମରାମତି ମଧ୍ୟ କରାଯାଉ ନାହିଁ।

୨୦୧୩ ଜୁନ୍ ୨୮ରେ ଅନୁଗୋଳ ଷ୍ଟାଡିୟମରେ ଇନ୍‌ଡୋର ହଲ୍ କମ୍ ଟେବୁଲ ଟେନିସ୍ ଏକାଡେମୀ ଉଦ୍‌ଘାଟନ ହୋଇଥିଲା। କିନ୍ତୁ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ଏକପ୍ରକାର ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି। ଏହାର ଚତୁଃପାର୍ଶ୍ୱ ଅନାବନା ଲଟାବୁଦାରେ ଆବଦ୍ଧ ହୋଇଥିବାବେଳେ ରାତିରେ ମଦ୍ୟପ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏପରିକି ଉଦ୍‌ଘାଟନ ହେବା ପର ଠାରୁ ଦିନେ ହେଲେ ଏଠାରେ ଟେବୁଲ ଟେନିସ୍ ପ୍ରତିଯୋଗିତାର ଆୟୋଜନ ହୋଇନାହିଁ। କିଣାଯାଇଥିବା ସରଞ୍ଜାମ ମଧ୍ୟ ଗୋଟିଏ ଘରେ ତାଲା ପଡ଼ି ରହିଛି। ବ୍ୟାଡ୍‌ମିଣ୍ଟନ ପାଇଁ ଭଲ କୋର୍ଟ ନ ଥିବାରୁ ଖେଳାଳିମାନେ ସମସ୍ୟାରେ ପଡ଼ୁଛନ୍ତି। ଖେଳିବା ବେଳେ କଂକ୍ରିଟ୍ ଢଳେଇ କୋର୍ଟରେ ଖସିପଡ଼ିବା ଭୟ ରହୁଛି। ଆଣ୍ଠୁରେ ମଧ୍ୟ ଯନ୍ତ୍ରଣା ହେଉଥିବା ଖେଳାଳିମାନେ କହିଛନ୍ତି। ଏହାର ରକ୍ଷଣା ବେକ୍ଷଣା ଓ ଆଲୋକୀକରଣ ଖର୍ଚ୍ଚ ମଧ୍ୟ ଖେଳାଳିମାନେ ନିଜସ୍ୱ ପାଣ୍ଠିରୁ ଅର୍ଥ ଦେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ବରୁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ପୂର୍ବତନ ଜିଲାପାଳ ଅନିଲ ସାମଲ କାଠ ଚଟାଣ(କୋର୍ଟ) କରିବାକୁ ଏକ ଶିଳ୍ପ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାଙ୍କର ଓ ଜିଲା କ୍ରୀଡ଼ା ଅଧିକାରୀଙ୍କ ବଦଳି ପରେ ତାହା ନାଲି ଫିତା ତଳେ ରହିଯାଇଛି। ସେହିପରି ବର୍ଷା ହେଲେ ଛାତରୁ ପାଣି ଗଳି ଭିତରେ ପଡ଼ୁଛି। ଏତେ ଅସୁବିଧାରେ ଖେଳି ମଧ୍ୟ ଅନୁଗୋଳର କେତେଜଣ ଖେଳାଳି ଜାତୀୟସ୍ତର ପ୍ରତିଯୋଗିତାରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ପ୍ରଶାସନ ଏହାର ଉନ୍ନତୀକରଣ ଦିଗରେ ପଦକ୍ଷେପ ନେଲେ ଆହୁରି ଅନେକ ପ୍ରତିଭା ସୃଷ୍ଟି ହୋଇପାରନ୍ତେ ବୋଲି କ୍ରୀଡ଼ାପ୍ରେମୀମାନେ ମତ ଦେଇଛନ୍ତି।

#### ନୂଆ ରୂପ ପାଇବ ଇନ୍‌ଡୋର ହଲ୍



ଇନ୍‌ଡୋର ହଲ୍‌ରେ ବ୍ୟାଡ୍‌ମିଣ୍ଟନ ପାଇଁ କାଠ ଚଟାଣ(କୋର୍ଟ) କରାଯିବ। ଛାତ ମରାମତି ମଧ ହେବ। ସରକାର ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ଆସିବା ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ। ବ୍ୟାଡ୍‌ମିଣ୍ଟନକୁ ପ୍ରୋତ୍ସାହିତ ସହ ଟେବୁଲ ଟେନିସ୍ ନେଇ କ'ଣ ପଦକ୍ଷେପ ନେଇହେବ ସେଥିପ୍ରତି ଦୃଷ୍ଟି ଦିଆଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

#### ଭିତ୍ତିଭୂମି ବିକାଶ ଯୋଜନା ରହିଛି



ଇନ୍‌ଡୋର ହଲ୍ ଚତୁଃପାର୍ଶ୍ୱରେ ଭଲିବଲ୍, କବାଡ଼ି, ଖୋଖୋ ଖେଳ ପାଇଁ ଭିତ୍ତିଭୂମି ବିକାଶ କରାଯିବା ଯୋଜନା ରହିଛି। ଟେବୁଲ ଟେନିସ୍ ଏକାଡେମୀ ହୋଇଥିଲେ ମଧ ସେଠାରେ ଏହି ଖେଳ ହୋଇନାହିଁ। ଆବଶ୍ୟକ ସରଞ୍ଜାମ ଥିବାରୁ ଇନ୍‌ଡୋର ହଲ ମରାମତି ପରେ ଖେଳ ଆରମ୍ଭ କରାଯିବ।

-ଅକ୍ଷୟ କୁମାର ସେଠ, ଜିଲା କ୍ରୀଡ଼ା ଅଧିକାରୀ

#### ପ୍ରଶାସନର ଆନ୍ତରିକତା ନାହିଁ



ଇନ୍‌ଡୋର ହଲ୍‌ର ଉପଯୁକ୍ତ ରକ୍ଷଣାବେକ୍ଷଣା କରାଯାଉ ନାହିଁ। ଏଠାରେ ୫ଥର ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। କିନ୍ତୁ ୨୦୧୯ରେ ମରାମତି ଆଳ ଦେଖାଇ ପ୍ରଶାସନ ଏଥିରେ ରୋକ୍ ଲଗାଇଥିଲା। ଦୁଇ ବର୍ଷ ବିତିବାକୁ ବସିଥିଲେ ମଧ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ।

-ପ୍ରଦ୍ୟୁତ୍ ଘୋଷ, ଭେଟେରାନ ଖେଳାଳି

#### ଆଧୁନିକୀକରଣ ନୂଆ ପ୍ରତିଭା ସୃଷ୍ଟି କରିବ



ରାଜ୍ୟ ବାହାରରେ ଥିବା ବ୍ୟାଡ୍‌ମିଣ୍ଟନ କୋର୍ଟ ଭଳି ଅନୁଗୋଳ ଇନ୍‌ଡୋର ହଲ୍‌ରେ ସୁବିଧା ନାହିଁ। ଏଠାରେ ଭଲ କୋର୍ଟ କରାଗଲେ ଜିଲାରୁ ଅନେକ ଭଲ ଖେଳାଳି ସୃଷ୍ଟି ହୋଇପାରିବେ। ଏଠାକାର କୋର୍ଟରେ ଅଭ୍ୟାସ ସମୟରେ ଆଣ୍ଠୁରେ ଯନ୍ତ୍ରଣା ହେଉଛି। ଯେତେଶୀଘ୍ର ଏହାର ଆଧୁନିକୀକରଣ କରାଯାଉ।

-ଅମ୍ଳାନ ଗଡ଼ନାୟକ, ଜାତୀୟସ୍ତରର ଖେଳାଳି

## ୧୩ ପରିବାରକୁ ବାସନ୍ଦ ଅଭିଯୋଗ

ଛେଣ୍ଡିପଦା, ୩୦।୧୦(ସ୍ୱ.ପ୍ର.)

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ଜରପଡ଼ା ଥାନା ସାନ୍ତରାପୁର ଗ୍ରାମରେ ୧୩ ପରିବାରକୁ ୪ ମାସ ହେଲା ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ପରିବାର ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କୁ ଗ୍ରାମର କିଛି ଲୋକ ହଇରାଣ କରିବା ସହ ବିଭିନ୍ନ ପ୍ରକାରର କଟକଣା ଲଗାଇଛନ୍ତି। ଏପରିକି ଗାଁର ନଳକୂଅ ବ୍ୟବହାର, ଦୋକାନରୁ ସାମଗ୍ରୀ ଆଣିବା, ପିଲା ଟ୍ୟୁଶନ ଯିବା ଆଦିକୁ ବାରଣ କରାଯାଇଛି। ଦୀର୍ଘଦିନ ହେଲାଣି ଏହାର ସମାଧାନ ହୋଇପାରୁ ନ ଥିବାରୁ ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଜରପଡା ଥାନା ଆଇଆଇସି ପ୍ରଦୀପ ପ୍ରଧାନ କହିଛନ୍ତି, ସାନ୍ତରାପୁର ଗ୍ରାମରୁ କେହି ସାମାଜିକ ବାସନ୍ଦ ହୋଇଥିବା ଅଭିଯୋଗ ଆସିନାହିଁ। କେତେକ ପରିବାର ଉପରିସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ଦ୍ଦେଶ ଦିଆଯିବା ପରେ ଦୁଇ ଅଫିସର ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲେ। କେବଳ ନଳକୂପ ଅପରିଷ୍କାର ହେଉଥିବାରୁ ସେଠାରେ ଗାଧୋଇବା, ବାସନ ମାଜିବା ଆଦି କାର୍ଯ୍ୟ ନ କରିବା ପାଇଁ ଗ୍ରାମର ସମସ୍ତଙ୍କୁ ବାରଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

# ପୂଜା ପାଇଲେ ଧନଦାତ୍ରୀ

ଅନୁଗୋଳ ଅଫିସ, ୩୦।୧୦

- ଝଲସୁନି ଅନୁଗୋଳ ସହର
- କଟକଣା ଯୋଗୁ ସବୁଠି ନିରାଶା
- ହୋଇଥାନ୍ତା ୫ କୋଟି ଟଙ୍କାର ବ୍ୟବସାୟ



ସଞ୍ଜୀବନୀ ମାର୍କେଟ ମଣ୍ଡପ ପକ୍ଷରୁ ଅମଲାପଡ଼ାସ୍ଥିତ ଏକ ପୁଷ୍କରଣୀରୁ ଧନଦାତ୍ରୀଙ୍କୁ ବରଣୀ କରାଯାଉଛି।

ଅନୁଗୋଳ ସହରରେ ପ୍ରତିବର୍ଷ ଧୁମ୍‌ଧାମ୍‌ରେ ମା' ଧନଦାତ୍ରୀଙ୍କ ପୂଜା ହୋଇଥାଏ। କିନ୍ତୁ ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ଆବଦ୍ଧ ମଣ୍ଡପରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଫଳରେ ସହରରେ ସେପରି ସାଜସଜ୍ଜା ନାହିଁ କି ଶ୍ରଦ୍ଧାଳୁଙ୍କ ମନରେ ସରସ ନାହିଁ। ସେହିପରି ପୂଜାରେ ହେଉଥିବା ୫ କୋଟିର ବ୍ୟବସାୟ ମଧ୍ୟ ଏଥର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ଶୁକ୍ରବାର ରାତି ୮ଟାରେ ସହର ଓ ଉପକଣ୍ଠରେ ଥିବା ୨୮ଟି ମଣ୍ଡପର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରୁ ପାଣି ଆଣି ମା' ଧନଦାତ୍ରୀଙ୍କ ବରଣୀ କରିଛନ୍ତି। ବାଜା ରୋଶଣି ବଦଳରେ କେବଳ ଘଣ୍ଟ ଓ ଶଙ୍ଖ ବଜାଇ ମଣ୍ଡପଗୁଡ଼ିକରେ କଳସ ସ୍ଥାପନ କରାଯାଇଥିଲା। ପ୍ରତିବର୍ଷ ଏହି ସମୟରେ ଝିଲମିଲ୍ ଆଲୁଅରେ ଆଖି ଖୋସି ହୋଇଯାଉଥିଲା। ଖାସ୍ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଉତ୍ସାହ ରହୁଥିଲା। ଓଲିଉଡ ଷ୍ଟାରଙ୍କ ଠାରୁ ନାମୀଦାମୀ କଣ୍ଠଶିଳ୍ପୀ ଓ କଳାକାରଙ୍କୁ ଅନୁଗୋଳକୁ ପାଛୋଟି ଅଣାଯାଉଥିଲା। କିନ୍ତୁ ଚଳିତବର୍ଷ ସେପରି କିଛିର ଆୟୋଜନ ନାହିଁ। କେବଳ ପୂଜକଙ୍କ ସହ କର୍ତ୍ତାଙ୍କୁ ମିଶାଇ ମାତ୍ର ୭ ଜଣ ମଣ୍ଡପରେ ରହିବାର ନିୟମ କରାଯାଇଥିବାରୁ ତାହାକୁ ପାଳନ କରାଯାଉଛି। ସେହିପରି ଅନୁଗୋଳ ସହରର ବିଜୁ ମଇଦାନ, ଦଶହରା ପଡ଼ିଆ, ହାଇସ୍କୁଲ ପଡ଼ିଆରେ ପଡୁଥିବା ମିନାବଜାର ସାଙ୍ଗକୁ ଚଟପଟା ଖାଦ୍ୟ, ଦୋଳି ଆଦି ଏଥର ସ୍ୱପ୍ନ ପାଲଟିଛି। ଫଳରେ ବାର୍ଷିକ ୫ କୋଟି ଟଙ୍କାର ହେଉଥିବା କାରବାର ଏଥର ଆଦୌ ହୋଇପାରିବ ନାହିଁ। ସେହିପରି ଆଜିଠାରୁ ପୂଜା ପାଉଥିବା ଧନଦାତ୍ରୀଙ୍କ ବିସର୍ଜନ କାର୍ଯ୍ୟ ଆସନ୍ତା ୪ ତାରିଖରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସେଣ୍ଟ୍ରାଲ ପୂଜା କମିଟି ସଭାପତି ଅକ୍ଷୟ କୁମାର ସାମନ୍ତ କହିଛନ୍ତି। ପୂର୍ବରୁ ୧୨ ଦିନରୁ ଅଧିକ ଧରି ଏହି ପୂଜା ସହରରେ ହେଉଥିବାବେଳେ ଏଥର କିନ୍ତୁ ସେହି ସମୟସୀମା କମ୍ କରାଯାଇଥିବା ସାମନ୍ତ ପ୍ରକାଶ କରିଛନ୍ତି।

## ଟ୍ୟାଙ୍କରରୁ ଡିଜେଲ ବୋହିନେଲେ

ବଇଣ୍ଡା, ୩୦।୧୦(ଡି.ଏନ.ଏ.)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ସରିଗିପାଲିଠାରେ ଏକ ଡିଜେଲ ବୋଝେଇ ଟ୍ୟାଙ୍କର(ନଂ. ଓଡି ୦୫ ପି ୮୬୦୪)ରୁ ଶୁକ୍ରବାର ଅପରାହ୍ନରେ ହଠାତ୍ ତେଲ ଲିକ୍ ହୋଇଥିଲା। ଫଳରେ ସ୍ଥାନୀୟ ଲୋକେ ସେଥିରୁ ଡିଜେଲ ବୋହି ନେଉଥିବା ଦେଖିବାକୁ ମିଳିଥିଲା। ଟ୍ୟାଙ୍କରଟି ପାରାଦୀପରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ଏହି ଘଟଣା ଘଟିଥିଲା। ଖବରପାଇ ବାମୁର ଅଗ୍ନିଶମ ଅଧିକାରୀ ଓ ହଣ୍ଡପା ପୋଲିସ ପହଞ୍ଚିଥିଲେ ମଧ୍ୟ କେତେଜଣ ଲୋକ ବ୍ୟାରେଲ ଓ ଜାରକିନ୍ ମାଧ୍ୟମରେ ତେଲ ନେଇଯାଇଥିଲେ। ଏ ନେଇ ହଣ୍ଡପା ଆଇଆଇସି ଲବ ବୋଡା କୁହନ୍ତି, ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଥିଲା। କିଭଳି ଡିଜେଲ ଲୋକେ ନେଇଗଲେ ତାହାର ତଦନ୍ତ କରାଯିବ।




ଟ୍ୟାଙ୍କରରୁ ତେଲ ନେବା ପାଇଁ ବ୍ୟାରେଲ୍ ରଖାଯାଇଛି।

## ଅଭିଯୁକ୍ତ ଗିରଫ, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ଓଡ଼ାପଡ଼ା, ୩୦।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳର ଏକ ଗ୍ରାମରେ ବନ୍ଦ ଘର ଭିତରୁ ଜଣେ ନାବାଳିକାଙ୍କ ମୃତଦେହ ଗତ ମଙ୍ଗଳବାର ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ କୁରୁଣ୍ଟି ଗ୍ରାମର ଅଭିଯୁକ୍ତ ଜଗନ ଜେନା (୨୪)ଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଅନ୍ୟପଟେ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ଏହାର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସରୋଜିନୀ ସାମ୍ଭଡା କହିଛନ୍ତି।

ରେଳଲାଇନ ପାର୍ଶ୍ୱରେ ସମ୍ପୃକ୍ତ ନାବାଳିକା ତାଙ୍କ ପରିବାର ସହିତ ଭଡ଼ାରେ ରହୁଥିଲେ। ତାଙ୍କ ମା'ବାପା ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଛନ୍ତି। ମଙ୍ଗଳବାର ଅପରାହ୍ନରେ ସେମାନେ ଫେରିବା ପରେ ସନ୍ଦେହଜନକ ଅବସ୍ଥାରେ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ମୋଟଙ୍ଗା ଥାନା ନଂ. ୨୨୭/୨୦, ଦଫା ୩୦୨ରେ ମାମଲା ରୁଜୁ କରାଯାଇ ପୋଲିସ ଛାନଭିନ୍ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତ ଓ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। କେତେଜଣଙ୍କ ସୂଚନା ଆଧାରରେ ପୋଲିସ ଜଗନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ନାବାଳିକାଙ୍କ ସମ୍ପର୍କୀୟ। ତେବେ ହତ୍ୟାର କାରଣକୁ ନେଇ ସାଧାରଣରେ ଭିନ୍ନ ମତ ପ୍ରକାଶ ପାଇଛି। ଦୀର୍ଘଦିନ ତଳେ

**ନାବାଳିକାଙ୍କ ମୃତଦେହ ଉଦ୍ଧାର ମାମଲା**

ଦୁଇଜଣ ଯୁବତୀଯୁବକଙ୍କୁ ଏକ ସ୍କୁଲ ଘରେ ଅସଜଡ଼ିତ ଅବସ୍ଥାରେ ଦେଖି ଦେଇଥିବାରୁ ଜଣେ ନାବାଳିକା ହତ୍ୟାର ଶିକାର ହୋଇଥିଲେ। ବଳାତ୍କାର ଉଦ୍ୟମରେ ବିଫଳ ହୋଇ ଅଭିଯୁକ୍ତ ନାବାଳିକାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅଭିଯୁକ୍ତଙ୍କୁ ଜେରା, ବ୍ୟବଚ୍ଛେଦ ରିପୋର୍ଟ ଏବଂ ନାବାଳିକାଙ୍କ ପାଖପଡ଼ୋଶୀଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ବହୁ ତଥ୍ୟ ଜଣାପଡ଼ିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ଝାଁ ଝାଁ ଗୋତମରା ଗାଁ

ବଣ୍ଟାଁରପାଳ, ୩୦।୧୦(ଡି.ଏନ.ଏ.)



ଗୋତମରା ଗ୍ରାମରେ ଥିବା ମା' ବ୍ରହ୍ମାୟଣୀଙ୍କ ପୀଠ।

- ଆଜି ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା
- କେବଳ ବିଧି ରକ୍ଷା ପାଇଁ ହେବ ପୂଜାର୍ଚ୍ଚନା
- ଭାଙ୍ଗିବ ଶତାଧିକ ବର୍ଷର ପରମ୍ପରା

ପ୍ରତିବର୍ଷ ପରି ବାର୍ଷିକ ପୂଜାରେ ଚଳଚଞ୍ଚଳ ହେବନି ବଣ୍ଟାଁରପାଳ ବ୍ଲକ ଗୋତମରା ଗ୍ରାମର ମା' ବ୍ରହ୍ମାୟଣୀଙ୍କ ପୀଠ। ବସିବନି ଦୋକାନ ବଜାର କି ଜମିବନି ଶ୍ରଦ୍ଧାଳୁଙ୍କ ଭିଡ଼। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେବନି। ନିରାଡମ୍ବରରେ କେବଳ ବିଧି ରକ୍ଷା କରି ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଏଥିଯୋଗୁ ପୂଜା ଅବସରରେ ବି ଝାଁ ଝାଁ ଲାଗିବ ଗୋତମରା ଗାଁ। ଯେଉଁଠି ବାର୍ଷିକ ପୂଜା ପାଇଁ ୩ ଦିନ ଧରି ସମଗ୍ର ଗାଁ ଚଳଚଞ୍ଚଳ ହୋଇଉଠୁଥିଲା ସେଠାରେ ନିରାଡମ୍ବରରେ ପୂଜାକୁ ନେଇ ମନଉଣା କରିଛନ୍ତି ଶ୍ରଦ୍ଧାଳୁ।

ପ୍ରତିବର୍ଷ ଆଶ୍ୱିନ ମାସ କୁମାର ପୂର୍ଣ୍ଣିମା ତିଥିରେ ପାଳନ ହୋଇଥାଏ ଏହି ଉତ୍ସବ। ୩ ଦିନ ଧରି ଚାଲୁଥିବା ଏହି ଯାତ୍ରା ନକଟି ଯାତ୍ରା ଭାବରେ ମଧ ଜଣାଶୁଣା। ଯାତ୍ରା ଦିନ ଗ୍ରାମର ଦିଅଁଘରୁ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ପୀଠସ୍ଥଳୀକୁ ଯାଇଥାଏ। ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଘୋଡ଼ା ନାଚ, ନାମ ସଂକୀର୍ତ୍ତନ, ଦଣ୍ଡନୃତ୍ୟ ଆଦି ପରିବେଷଣ କରାଯାଏ। ୩ ଦିନ ଧରି ବିଭିନ୍ନ ଦୋକାନ ବଜାର ବସିଥାଏ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଏ। ହେଲେ ଚଳିତ ଥର କରୋନା ଯୋଗୁ ଏ ସମସ୍ତ କାର୍ଯ୍ୟକ୍ରମ ଉପରେ କଟକଣା ଲଗାଯାଇଛି।

#### କୋଭିଡ୍ ନିୟମ ମଧରେ ପାଳନ



ମା' ବ୍ରହ୍ମାୟଣୀଙ୍କ ପୂଜା ପ୍ରତିବର୍ଷ ଆଡମ୍ବରରେ କରାଯାଇଥାଏ। ହେଲେ ଚଳିତ ବର୍ଷ କୋଭିଡ୍ କଟକଣା ଲଗାଯାଇଥିବାରୁ କୌଣସି ଜାକଜମକ ନାହିଁ। କେବଳ ନିୟମ ଅନୁଯାୟୀ ବିଧି ରକ୍ଷା ପାଇଁ ପୀଠରେ ପୂଜାର୍ଚ୍ଚନା ହେବ।

-ରଜନୀକାନ୍ତ ସିଂ, ବିଧାୟକ ତଥା ଗ୍ରାମ ସଭାପତି

#### ପରମ୍ପରାରେ ଏଥର ବ୍ୟତିକ୍ରମ



ଶତାଧିକ ବର୍ଷରୁ ମା'ଙ୍କ ପୂଜା ପରମ୍ପରା ଅନୁଯାୟୀ ଗ୍ରାମରେ ପାଳନ ହୋଇଆସୁଛି। କିନ୍ତୁ ପ୍ରଥମ କରି ଚଳିତବର୍ଷ ପୂଜାରେ ବ୍ୟତିକ୍ରମ ଦେଖାଦେଇଛି। କରୋନା ସମସ୍ତଙ୍କ ମନରେ ଥିବା ଉତ୍ସାହକୁ ମାରି ଦେଇଛି।

-କୁମୁଦ ବିହାରୀ ସିଂ, ଗ୍ରାମବାସୀ

#### ହେବନି ଶୋଭାଯାତ୍ରା



ପ୍ରତି ବର୍ଷ ଯାତ୍ରାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଶୋଭାଯାତ୍ରା ଆୟୋଜନ କରାଯାଏ। ଏଥିରେ ବିଭିନ୍ନ ଅଞ୍ଚଳର କଳାକାରମାନେ ଗୀତ ନୃତ୍ୟ ପରିବେଷଣ କରନ୍ତି। ମିନାବଜାର ସହ ଅପେରା କାର୍ଯ୍ୟକ୍ରମ ମଧ ହୋଇଥାଏ। କିନ୍ତୁ ଚଳିତ ବର୍ଷ ତାହା ବନ୍ଦ ରହିଛି।

-ଭରତ ମାଝି, ଗ୍ରାମବାସୀ

#### ଦର୍ଶନ ପାଇବେନି ଭକ୍ତ



କଟକଣାରେ ପୂଜା ପାଳନ ଯୋଗୁ ଚଳିତ ବର୍ଷ ମା'ଙ୍କ ଦର୍ଶନ ପାଇପାରିବେନି ଭକ୍ତ। କେବଳ ନୀତିକାନ୍ତି ଅନୁଯାୟୀ ପୂଜା ହେଉଥିବାରୁ ପୀଠକୁ ଭକ୍ତଙ୍କ ଆଗମନକୁ ବାରଣ କରାଯାଇଛି। ସେଥିପାଇଁ ଗ୍ରାମବାସୀ ନିରାଶ ହୋଇଛନ୍ତି।

- ସୁବାସ ପଟ୍ଟନାୟକ, ଗ୍ରାମବାସୀ

